## ସଂକ୍ଷେପରେ

### ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଦାବି

## ଅବସର ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ

ବ୍ରହ୍ମପୁର ଅଫିସ,୬।୧:ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଏହି ମର୍ମରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ସ୍ମାରକପତ୍ର ଦିଆଯାଇଛି। ସମ୍ପାଦକ ଏ. ସୁନୀଲ କୁମାର ବେହେରାଙ୍କ ନେତୃତ୍ୱରେ ସଭାପତି ଡି. ଗୁରୁମୂର୍ତ୍ତି ପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଆରଡିସିଙ୍କ ଅଫିସ ଆଗରେ ଏକାଠି ହୋଇଥିଲେ ଏବଂ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ସମତୁଲ ୫% ମହଙ୍ଗା ଭତ୍ତା ବୃଦ୍ଧି କରିବାକୁ ଦାବି କରାଯାଇଛି।

ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ସପ୍ତମ ବେତନ କମିଶନ ସୁପାରିସ ଅନୁସାରେ ବର୍ଦ୍ଧିତ ଦରମାର ବକେୟା ଟଙ୍କା ତୁରନ୍ତ ପ୍ରଦାନ ଏବଂ ମହାନଗର ନିଗମ ପରିସରରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଦରମାର ୧୬% ଘରଭଡ଼ା ମଞ୍ଜୁର କରାଯିବା ଏବଂ ପିଛିଲା ଭାବେ ୨୦୧୬ ଜାନୁୟାରୀରୁ କାର୍ଯ୍ୟକାରୀ କରାଯିବା ସହ ସମସ୍ତ ପ୍ରାପ୍ୟ ପ୍ରଦାନ, କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମାସିକ ସର୍ବନିମ୍ନ ଦରମା ୨୧ ହଜାର ଟଙ୍କା ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଛି। ବ୍ରହ୍ମପୁରରେ ଥିବା ସଂଘ କାର୍ଯ୍ୟାଳୟକୁ କିଛି ବର୍ଷ ପୂର୍ବେ ଉଚ୍ଛେଦ କରାଯାଇଥିବାରୁ କ୍ଷତିପୂରଣ ବାବଦରେ ଜିଲା ପ୍ରଶାସନ ୪.୬୦ ଲକ୍ଷ ଟଙ୍କା ଦେବା ଏବଂ ଏବେ ଦିଆଯାଇଥିବା ସରକାରୀ ଘର ଭଡ଼ା ଛାଡ଼ କରାଯିବାକୁ ସଂଘ ଦାବି କରିଛି। କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ଦଶମ ଶ୍ରେଣୀଠାରୁ ଅଧିକ ପାଠ ପଢ଼ି ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ କର୍ମଚାରୀଙ୍କୁ ଗ୍ରେଡେସନ ପ୍ରକାରେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବେ ପଦୋନ୍ନତି ଦେବା, ମୃତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପରିବାରର ଜଣକୁ ଅନୁକମ୍ପା ମୂଳକ ଭାବେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି।

## ଶିକ୍ଷକଙ୍କ ବିୟୋଗରେ ଶୋକସଭା

ବୁଗୁଡ଼ା,୬।୧(ଡି.ଏନ.ଏ.):ବୁଗୁଡ଼ା ପିପୁଲସ୍ ହାଇସ୍କୁଲର ସହକାରୀ ଶିକ୍ଷକ ବିପ୍ରଚରଣ ପ୍ରଧାନ (୫୬)ଙ୍କ ସୋମବାର ସକାଳ ୬ଟାରେ ଭୁବନେଶ୍ୱରର ଏକ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କର ଘର ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମରେ। ତାଙ୍କ ବିୟୋଗରେ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଶୋକସଭା ହୋଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରମାନେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

### ୨୦୧୬ରୁ ନିଯୁକ୍ତି ଅପେକ୍ଷାରେ ୫ ହଜାର ଆଶାୟୀ ଶିକ୍ଷକ

# ଯୋଗ୍ୟତା ଥାଇ ବେକାର

- ଗଣଶିକ୍ଷା ବିଭାଗକୁ ତୁରନ୍ତ ଖାଲି ପଦବୀ ତାଲିକା ପ୍ରେରଣ ଦାବି
- ଡିଇଓଙ୍କୁ ଜିଲା କନିଷ୍ଠ ଶିକ୍ଷକସଂଘର ଦାବିପତ୍ର



ଦାବିପତ୍ର ପ୍ରଦାନ ଅବସରରେ ଡିଇଓଙ୍କ ସହ ସଂଘ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୬।୧

ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ହଜାର ହଜାର ସଂଖ୍ୟାରେ ଯୁବକ ବିଇଡି,ସିଟି, ଓଟିଇଟି ପାସ୍ କରି ମଧ୍ୟ ବେକାର ରହିଛନ୍ତି। ଜିଲାରେ ଶହ ଶହ ସଂଖ୍ୟାରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡିଥିବା ସତ୍ତ୍ୱେ ଖାଲିପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ ଦିଗରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ତୁରନ୍ତ ଜିଲାରେ ଖାଲି ପଡିଥିବା ଶିକ୍ଷକ ପଦବୀ ତାଲିକା ପ୍ରସ୍ତୁତ କରିବା ସହ ପଦବୀ ପୂରଣ ପାଇଁ ନିଯୁକ୍ତି କ୍ଷେତ୍ରରେ ବିଜ୍ଞାପନ ପ୍ରକାଶ କରାଯିବାକୁ ଦାବି ହୋଇଛି। ଏନେଇ ସୋମବାର ଗଞ୍ଜାମ ଜିଲା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀ (ଡିଇଓ) ଡ. ସନାତନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ଅଭିଯୋଗ ପ୍ରକାରେ, ୨୦୧୬ରୁ ଜିଲାର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଆଶାୟୀ କନିଷ୍ଠ ଶିକ୍ଷକ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। କିନ୍ତୁ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ ନ ଥିବାରୁ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ହଜାର ହଜାର ଯୁବକ ଦୀର୍ଘ ବର୍ଷ ଧରି ବେକାର ହୋଇ ରହିଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ବିଦ୍ୟାଳୟଗୁଡିକରେ ଶିକ୍ଷକ ପଦବୀ ଖାଲି ରହିଛି। ଏ ଦିଗରେ ସରକାର ଉଦାସୀନତା ନୀତି ଆପଣାଉଛନ୍ତି। ଓଡିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘଙ୍କ ଆନ୍ଦୋଳନ ପରେ ନଭେମ୍ବର ୨୧ରେ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଜିଲାସ୍ତରରେ ଖାଲି ପଡିଥିବା ଶିକ୍ଷକ ପଦବୀର ଏକ ତାଲିକା ୭ ଦିନ ମଧ୍ୟରେ ପ୍ରଦାନ କରିବାକୁ ପ୍ରତ୍ୟେକ ଜିଲାର ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଯାଏ ତାଲିକା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସଂଘ କର୍ମକର୍ତ୍ତାମାନେ କହିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ଖାଲି ପଡିଥିବା ଶିକ୍ଷକ ପଦବୀ ତାଲିକା ଗଣଶିକ୍ଷା ବିଭାଗ ନିକଟକୁ ପଠାଇବାକୁ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଅନ୍ୟପଟେ ଜିଲାରେ ଖାଲି ପଡିଥିବା ଶିକ୍ଷକଙ୍କ ତାଲିକା ରାଜ୍ୟ ଗଣଶିକ୍ଷା ବିଭାଗକୁ ପଠାଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞାପନ ଖୁବଶୀଘ୍ର ପ୍ରକାଶ ପାଇବାର ଆଶା କରାଯାଉଥିବା ଡିଇଓ ପଣ୍ଡା କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଏମ୍. ବାଲାରାଜୁ, ସମ୍ପାଦକ ବଳରାମ ପ୍ରଧାନଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ତଥା ଆଶାୟୀ ଶିକ୍ଷକ ଉପସ୍ଥିତ ଥିଲେ।

### ବିଭିନ୍ନ ଔଷଧ ଦୋକାନ, କ୍ଲିନିକ୍‌ରେ ଚଢ଼ାଉ



ଔଷଧ ଦୋକାନରେ ତଦନ୍ତ କରୁଛନ୍ତି ଅଧିକାରୀ।

ବୁଗୁଡ଼ା,୬।୧(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ସୋମବାର ତହସିଲ, ପୋଲିସ ଏବଂ ମେଡିକାଲ ପ୍ରଶାସନ ବୁଗୁଡ଼ା, ବାଲିପଦର ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଏବଂ ବେଆଇନ ଭାବେ ଚାଲିଥିବା କ୍ଲିନିକ ଉପରେ ଚଢ଼ାଉ କରାଯାଇଥିଲା। ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡ଼ା. ଶୁଭ୍ରାଂଶୁ କୁମାର ପାଣିଗ୍ରାହୀ, ତହସିଲଦାର ସଂଗ୍ରାମ କେଶରୀ ଜେନା ଓ ଥାନା ଏଏସ୍‌ଆଇ ଅମିୟ କୁମାର ପାଢ଼ୀ ପ୍ରମୁଖ ଅପରାହ୍ନରେ ବୁଗୁଡ଼ାର ୫ ଔଷଧ ଦୋକାନ ଓ ଗୋଟିଏ କ୍ଲିନିକ, ବାଲିପଦରର ୫ ଔଷଧ ଦୋକାନ, କଳମ୍ବ ଛକରେ ଥିବା ଏକ କ୍ଲିନିକ, ଚଢ଼ିଆପଲ୍ଲୀର ଏକ କ୍ଲିନିକ ଉପରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଯାଞ୍ଚ ସହ ଡ଼ାକ୍ତରଙ୍କ କ୍ଲିନିକରେ ବେଆଇନ ଚିକିତ୍ସା ଚାଲିଛି କି ନାହିଁ ସେ ସମ୍ପର୍କରେ ତଦନ୍ତ କରିଥିଲେ। ଉକ୍ତ ଔଷଧ ଦୋକାନ ଏବଂ କ୍ଲିନିକର ତଦନ୍ତ କରାଯିବା ପରେ ଏହାର ସମ୍ପୂର୍ଣ୍ଣ ବିବରଣୀ ଗୁପ୍ତ ରଖାଯାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରେରଣ କରାଯିବ ବୋଲି ଡ଼ାକ୍ତର ପାଣିଗ୍ରାହୀ କହିଛନ୍ତି।

### ଜେଏନ୍‌ୟୁ ଆକ୍ରମଣ ଘଟଣାକୁ ଡିଏସ୍‌ଓର ନିନ୍ଦା

## ଖଲ୍ଲିକୋଟ କଲେଜ ଆଗରେ ବିକ୍ଷୋଭ





ଡିଏସ୍‌ଓ ପକ୍ଷରୁ ବିକ୍ଷୋଭ କରାଯାଉଛି।

ବ୍ରହ୍ମପୁର ଅଫିସ,୬।୧

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେକେୟୁ)ରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ରବିବାର ଆକ୍ରମଣ ଘଟଣାକୁ ନେଇ ସୋମବାର ଡିଏସ୍‌ଓ(ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ) ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଫି ବୃଦ୍ଧ ପ୍ରତିବାଦକରି ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଥିବା ସମୟରେ ଏବିଭିପି କର୍ମୀମାନେ ଆକ୍ରମଣ କରିଥିବା ଡିଏସ୍‌ଓ ଦୃଢ଼ ନିନ୍ଦା କରିଛି। ଏଣୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଡିଏସ୍‌ଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଏହାକୁ ଅଲ୍ ଇଣ୍ଡିଆ କ୍ରାନ୍ତିକାରୀ କୃଷକ ସଂଘ(ଏଆଇକେକେଏସ୍) ମଧ୍ୟ ସମର୍ଥନ ଜଣାଇଥିଲା। ଜେଏନ୍‌ୟୁର ଛାତ୍ରୀଛାତ୍ରଙ୍କ ସ୍ୱର ଚାପିଦେବା ଏବଂ ଫି ବୃଦ୍ଧି ଆନ୍ଦୋଳନକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଡିଏସ୍‌ଓ ଅଭିଯୋଗ କରିଛି। ତୁରନ୍ତ ଆକ୍ରମଣକାରୀମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା ଓ ଫିବୃଦ୍ଧି ସମ୍ପୂର୍ଣ୍ଣ ପ୍ରତ୍ୟାହାର ସହ ପୋଲିସ୍ ଆକ୍ରମଣକାରୀଙ୍କୁ ଅତିଶୀଘ୍ର ଗିରଫ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ଡିଏସ୍‌ଓ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ଉପସଭାପତି ଉଦ୍ଧବ କୁମାର ମହାଙ୍କୁଡ, ଜିଲା କମିଟି ସଭ୍ୟ ରଞ୍ଜନ ସେଠୀ, ପପୁନ ସାହୁ, ଶଙ୍କର ସାହୁ, ପି.ପାର୍ବତୀ ଓ କିଷାନ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା

## ଗଜପତି ଛାତ୍ର ମନୋନୀତ

ଆର.ଉଦୟଗିରି,୬।୧(ଡି.ଏନ.ଏ.)

ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଘୋଷିତ ରାଜ୍ୟ ଦଳରେ ଗଜପତି ଜିଲାର ଜଣେ ଛାତ୍ର ସ୍ଥାନ ପାଇଛନ୍ତି। ସେ ହେଲେ ଆର.ଉଦୟଗିରି ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଛେଲିଗଡ଼ର ଛାତ୍ର କୁନା ରଣସିଂ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। କୁନା ରାଜ୍ୟ ଦଳରେ ସାମିଲ ହେବା ପାଇଁ ସୋମବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ଆସନ୍ତା ୧୨ ରୁ ୧୬ ତାରିଖ ଯାଏ ଛତିଶଗଡ଼ର ଦୁର୍ଗଠାରେ ହେବାକୁ ଥିବା ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯିବାକୁ ଥିବା ଓଡ଼ିଶା ଦଳରେ ସେ ପ୍ରତିନିଧିତ୍ୱ କରିବେ ବୋଲି ସ୍କୁଲ ଖେଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଛାତ୍ରଙ୍କ ଏହି ସଫଳତା ଏବଂ ଏଥିପାଇଁ ପ୍ରସ୍ତୁତ କରିଥିବା ଖେଳ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ବନମାଳୀ ବଡ଼ରଇତ, ବ୍ଲକ ଶିକ୍ଷାଧିକାରୀ ବିଶ୍ୱନାଥ ଭୂୟାଁ, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଏବଂ ଜିଲା କ୍ରୀଡ଼ା ନିରୀକ୍ଷକ ଏସ୍‌ଏଲ ରାଓ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ବ୍ୟାଙ୍କ ସୁପରଭାଇଜର ଉଦ୍ଧାର ଘଟଣା

## ଅପହରଣକାରୀ କୋର୍ଟ ଚାଲାଣ

### ବାଇକ, ମୋବାଇଲ ଫୋନ ଜବତ

ବ୍ରହ୍ମପୁର ଅଫିସ,୬।୧

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମର୍ଦ୍ଦରାଜ ଭେଣ୍ଡିଂ ଜୋନ ରାସ୍ତାରୁ ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ (ବିସିସି) ବ୍ୟାଙ୍କ ବେଗୁନିଆପଡା ଶାଖା ସୁପରଭାଇଜର ନବୀନ କୁମାର ପଟ୍ଟନାୟକଙ୍କୁ ରବିବାର ଅପହରଣ କରାଯାଇଥିଲା। ରାତି ସାଢ଼େ ୭ଟା ବେଳେ ଫୁଲଟା ଅଞ୍ଚଳରୁ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ଅପହରଣକାରୀ ଉମାକାନ୍ତ ଶାସମଲଙ୍କୁ ମାମଲା ନଂ. ୦୪/୨୦ ରେ ଗିରଫ କରିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି। ଅପହରଣ ବେଳେ ନବୀନଙ୍କଠାରୁ ନେଇଯାଇଥିବା ବାଇକ୍ (ନଂ ଓଡ଼ି-୦୭-୭୧୨୫) ଓ ମୋବାଇଲ ଫୋନ ମଧ୍ୟ ପୋଲିସ ଜବତ କରିଛି। ନବୀନ ନେଇଥିବା ଧାର ଟଙ୍କାକୁ ନେଇ ଉମାକାନ୍ତ ତାଙ୍କୁ ଅପହରଣ କରିଥିଲେ ବୋଲି ପୋଲିସ ସ୍ପଷ୍ଟ କରିଛି। ଘଟଣାରୁ ପ୍ରକାଶ ରବିବାର ନବୀନଙ୍କୁ ଅପହରଣ କରାଯିବା ସହ ମୁଣ୍ଡ ଜାମିନ ପାଇଁ ୩ ଲକ୍ଷ ଟଙ୍କା ଦାବି ହୋଇଥିବା ନେଇ ତାଙ୍କ ସ୍ତ୍ରୀ ନମିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୋବାଇଲ ଫୋନ ଟ୍ରାକିଂ ଜରିଆରେ ଅପହୃତ ନବୀନଙ୍କୁ ମୁକୁଳାଇବା ସହ ଅପହରଣକାରୀଙ୍କୁ କାବୁ କରିଥିଲା। କୋର୍ଟରେ ଅପହରଣକାରୀ ଉମାକାନ୍ତଙ୍କୁ ପଚାରିବା ବେଳେ ସେ କହିଛନ୍ତି, ନବୀନ ମୋର ବନ୍ଧୁ। ସେ ବିସିସି ବ୍ୟାଙ୍କ ରଙ୍ଗେଇଲୁଣ୍ଡା ଶାଖାରେ କାମ କରୁଥିବା ବେଳେ ୨୦୧୫ ଏପ୍ରିଲ ୭ରେ ଝିଅ ବାହାଘର ସକାଶେ ମୋଠାରୁ ୧ ଲକ୍ଷ ଟଙ୍କା ଧାର ନେଇଥିଲେ। ମୁଁ ତାଙ୍କୁ ଟଙ୍କା ଫେରାଇବାକୁ ଅନୁରୋଧ କରିଥିଲି। ସେ ମୋ ଟଙ୍କା ଫେରସ୍ତ କରି ନ ଥିଲେ। ମୂଳ ଓ ସୁଧ ଟଙ୍କା ୩ ଲକ୍ଷ ହୋଇଯାଇଥିଲା। ରବିବାର ସେ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ରାସ୍ତାରେ ଠିଆ ହୋଇଥିବା ବେଳେ ତାଙ୍କୁ ସେଠାରୁ ମୁଁ, ଆମ ଘରକୁ ନେଇଯାଇଥିଲି।

## ୧୨ରୁ ପ୍ରଥମ ଜାତୀୟସ୍ତରୀୟ ନାଟକ ମହୋତ୍ସବ





ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୬।୧

ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ପ୍ରଥମ ଜାତୀୟସ୍ତରୀୟ ନାଟକ ମହୋତ୍ସବ ଆୟୋଜିତ ହେବ। ଏହା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆସନ୍ତା ୧୨ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ସଭାପତି ଅନୀଳ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହୋତ୍ସବରେ ବ୍ରହ୍ମପୁର ତଥା ଗଞ୍ଜାମ ଜିଲାର ସମସ୍ତ ମଞ୍ଚ କଳାକାର ତଥା ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନଗୁଡିକୁ ନେଇ ବୈଠକ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଆୟୋଜିତ ଏହି ନାଟକ ଉତ୍ସବରେ ଓଡ଼ିଶାର ବିଭିନ୍ନ ଜିଲାର ନାଟ୍ୟାନୁଷ୍ଠାନ ସମେତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶର ନାଟ୍ୟାନୁଷ୍ଠାନ ଏଥିରେ ଯୋଗଦେଇ ନାଟକ ମଞ୍ଚସ୍ଥ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଆବାହକ ଅଳି କିଶୋର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ମିହିର କୁମାର ତ୍ରିପାଠୀ ମଞ୍ଚାସୀନ ଥିଲେ। ବୈଠକରେ ସକଳେଶ୍ୱର ପାଠାଗାର, ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ, ଶାଶ୍ୱତୀ, ନାଟ୍ୟଶ୍ରୀ ଫାଉଣ୍ଡେଶନ, ଗଞ୍ଜାମ ଜିଲା କଳାକାର ମହାସଂଘ, ପଲ୍ଲବୀ ନାଟ୍ୟ ସଂସ୍ଥା, ଅନ୍ୱେଷା କଳାକେନ୍ଦ୍ର, ଗଞ୍ଜାମ ଜିଲା କିନ୍ନର ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ନାଟ୍ୟକାର ତ୍ରିପତି ନାୟକ, ଆରତୀ ପାତ୍ର, ବିମଳ କୁମାର ସାହୁ, ସତ୍ୟବ୍ରତ ଦାଶ, ରାଜୁ ପାଢୀ, ପ୍ରତାପ ଚନ୍ଦ୍ର ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର ଓ କୈଳାସ ପାଣିଗ୍ରାହୀଙ୍କ ସମେତ ସମିତିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସମ୍ପାଦକ ଶଙ୍କର୍ଷଣ ସାବତ ଧନ୍ୟବାଦ ଦେଇଥିଲେ।

# ରାଜନୈତିକ ଦଳ ମଧ୍ୟରେ ବଢୁଛି ବିଭେଦ, ଅନ୍ତର୍ଦ୍ୱନ୍ଦ୍ୱ

### ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ

ଅଶେଷନାଥ ମିଶ୍ର
ଦିଗପହଣ୍ଡି,୬।୧(ଡି.ଏନ.ଏ.)

ଦିଗପହଣ୍ଡିର ରାଜନୈତିକ ଦୃଶ୍ୟପଟ୍ଟ କ୍ରମଶଃ ବିବଦମାନ ହୋଇପଡୁଥିବା ବେଳେ ପ୍ରମୁଖ ରାଜନୈତିକ ଦଳଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଲୋକ ସଭା, ବିଧାନସଭା ନିର୍ବାଚନ ପରେ ଏବେ ଏନ୍‌ଏସି ନିର୍ବାଚନ ପାଇଁ ରାଜନୈତିକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଯଦି ନିକଟରେ ନିର୍ବାଚନ ହୁଏ ତେବେ, ଏନ୍‌ଏସି ଅଧ୍ୟକ୍ଷ ପାଇଁ କେଉଁ ଦଳରୁ କିଏ ପ୍ରାର୍ଥୀ ହେବ ତାହା ସ୍ଥିର ହୋଇପାରୁନାହିଁ। ଏନ୍‌ଏସି ନିର୍ବାଚନ ପାଇଁ ରାଜନୈତିକ ଦଳ ମାନଙ୍କରେ ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ ପାଉ ନ ଥିବା ବେଳେ ନୂଆ ସମୀକରଣ ସମ୍ଭାବନାକୁ ନେଇ ଆଭାସ ମିଳୁଛି। ଦିଗପହଣ୍ଡି ସହରର ବିନାଶ ପରିବର୍ତ୍ତେ ବିକାଶ ପ୍ରସଙ୍ଗକୁ ନେଇ ଏନ୍‌ଏସି ନିର୍ବାଚନ ପୂର୍ବରୁ ଏକ ସମ୍ଭାବ୍ୟ ନୂତନ ରାଜନୈତିକ ସମୀକରଣ ମୁଣ୍ଡ ଟେକୁଛି। ଏହି ନୂତନ ରାଜନୈତିକ ସମୀକରଣର ମାର୍ଗ ସୃଷ୍ଟି ହେଉଥିବା ଆଲୋଚିତ ହେଉଥିବା ବେଳେ ଗତ ୨୩ ତାରିଖ ରାତିରେ ସ୍ଥାନୀୟ ଏକ ଘରୋଇ ସ୍କୁଲ ପରିସରରେ ବିଜେଡ଼ିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ଏନ୍‌ଏସି ନିର୍ବାଚନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଏଭଳି ସମ୍ଭାବନାକୁ ଖୋରାକ ଯୋଗାଇଛି। ପ୍ରଥମେ ଶାସକ ବିଜୁ ଜନତା ଦଳର ସ୍ଥିତିକୁ ଆକଳନ କଲେ ସ୍ଥାନୀୟ ନେତୃତ୍ୱଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଯୋଗୁ ଦୁଇ ଗୋଷ୍ଠୀର ଛାମୁଆ ନେତା ପରସ୍ପର ମଧ୍ୟରେ କାଦୁଅ ଫିଙ୍ଗା ଅଭିଯାନକୁ ତୀବ୍ରତର କରିଛନ୍ତି। ଆଗାମୀ ଏନ୍‌ଏସି ନିର୍ବାଚନରେ ଦୁଇ ଗୋଷ୍ଠୀର ପ୍ରମୁଖ ଯୁବ ନେତା ପରସ୍ପରଙ୍କୁ ଚିତ୍ର କରାଇବା ପାଇଁ ଏବେଠାରୁ ତତ୍ପର ହୋଇ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ସ୍ଥାନୀୟ ପାଣି ପଞ୍ଚାୟତ ସଭାଗୃହରେ ଗତ ୨୬ ତାରିଖରେ ବିଜେଡ଼ି ପ୍ରତିଷ୍ଠା ଦିବସରେ ଆୟୋଜିତ ସଭାକୁ ନଗର ବିଜେଡ଼ିର ନିର୍ଦ୍ଦିଷ୍ଟ ଗୋଷ୍ଠୀ ବର୍ଜନ କରିଥିବା ଦଳ କନ୍ଦଳକୁ ପ୍ରମାଣିତ କରିଛି। ଅପରପକ୍ଷରେ ବିରୋଧୀ କଂଗ୍ରେସ ସଙ୍ଗଠନ ବିଧାନସଭା ନିର୍ବାଚନ ପରଠାରୁ ସୁପ୍ତ ହୋଇଯାଇଛି। କୌଣସି ନା କୌଣସି କାରଣରୁ ସରକାର ବିରୋଧୀ ଜନମତ ହାତେଇବା କଂଗ୍ରେସ ପାଇଁ ସହଜ ହେଉନି। ସହରର ବିଭିନ୍ନ ମୌଳିକ ସମସ୍ୟା ସମାଧାନ କ୍ଷେତ୍ରରେ ସ୍ଥାନୀୟ ଏନ୍‌ଏସି ପ୍ରଶାସନ ବିଫଳ ହୋଇଥିଲେ ମଧ୍ୟ ଦଳ ପକ୍ଷରୁ ବିକ୍ଷୋଭ କିମ୍ବା ପ୍ରତିବାଦ କରା ନ ଯିବା ଆଶ୍ଚର୍ଯ୍ୟଜନକ ବୋଲି ସ୍ଥାନୀୟ ରାଜନୈତିକ ସମୀକ୍ଷକ ତପନ କୁମାର ମିଶ୍ର ପ୍ରକାଶ କରିଛନ୍ତି। ସେହିପରି ଗତ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ରାଜ୍ୟ ଓ ଜିଲା ନେତୃତ୍ୱ ଦିଗପହଣ୍ଡିକୁ ବେଶ ଫୋକସ ମଧ୍ୟରେ ରଖିଥିଲା। ମୋ ବୁଥ ସବୁଠୁ ମଜବୁତ୍ କାର୍ଯ୍ୟକ୍ରମ ଜରିଆରେ ପାର୍ଟିକୁ ଭୋଟରଙ୍କ ନିକଟତର କରିବା ପାଇଁ ଭାଜପା ପ୍ରୟାସ କରିଥିଲା। ଶାସକ ବିଜେଡ଼ି ଉପରେ ଜନଗଣଙ୍କର ଅସନ୍ତୋଷ ଏବଂ ଭାଜପାକୁ ବିକଳ୍ପ ଭାବରେ ଗ୍ରହଣ କରିବାକୁ ଆଗେଇ ଆସିଥିବା ଗତ ସାଧାରଣ ନିର୍ବାଚନ ଫଳାଫଳରୁ ସୂଚନା ମିଳିଥିଲା। ଦଳୀୟ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କାଗଜ କଲମରେ ମିଥ୍ୟା ସାଙ୍ଗଠନିକ ରିପୋର୍ଟ ପ୍ରସ୍ତୁତ କରି ସଙ୍ଗଠନକୁ ଦୁର୍ବଳ କରିବାକୁ ସ୍ଥାନୀୟ ନେତୃତ୍ୱ ଲାଗିପଡିଛନ୍ତି। ଯଦିଓ ଏହାରି ମଧ୍ୟରେ ଶାସକ ବିଜେଡ଼ି ପକ୍ଷରୁ ଗଣ୍ଡା ଗଣ୍ଡା ଦୋଷ ତ୍ରୁଟି ରହିଛି ମାତ୍ର ଏସବୁକୁ ବିରୋଧୀ ଦଳ ଭାଜପା ନେତୃତ୍ୱ ମାଡ଼ି ବସିବାକୁ ଆଦୌ ଆଗ୍ରହ ପ୍ରକାଶ କରୁନାହାନ୍ତି। ଶାସକ ଦଳ ବିଜେଡ଼ି ସହ ଭିତିରି ମେଣ୍ଟ କରି ଭାଜପା ନେତା ମାନେ ସ୍ୱାର୍ଥ ସାଧନରେ ବ୍ୟସ୍ତ ରହୁଥିବାରୁ ଜନଗଣଙ୍କ ଅସନ୍ତୋଷକୁ ପାର୍ଟି ହାତଛଡ଼ା କରିବାକୁ ବାଧ ହେଉଥିବା ଅନେକ ସକ୍ରିୟ କର୍ମୀ ଅଭିଯୋଗ କରିଛନ୍ତି। ପାର୍ଟି ଉପରେ ଆସ୍ଥା କରିବସିଥିବା ସାଧାରଣ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଭାଜପାକୁ ବ୍ୟାକ ଫୁଟକୁ ନେଇଛାଲିଛି। ଅପରପକ୍ଷରେ ସିପିଆଇ ଓ ସିପିଆଇ(ଏମ୍)ର ସହରରେ ନିର୍ଦ୍ଦିଷ୍ଟ ଭୋଟ ବ୍ୟାଙ୍କ ଥିଲେ ମଧ୍ୟ ୨୦୨୦ ପାଇଁ ପ୍ରାଥମିକ ଆକଳନରୁ ଜଣାଯାଏ ଯେ, ଶାସକ ବିଜେଡ଼ି ବିରୋଧରେ ପ୍ରବଳ ଜନମତ ରହିଥିଲେ ହେଁ ଏହାର ଫାଇଦା ନେବାପାଇଁ କମ୍ୟୁନିଷ୍ଟ ସଙ୍ଗଠନ ପ୍ରସ୍ତୁତ ହୋଇ ପାରୁନାହାନ୍ତି। ସାଧାରଣତଃ ସ୍ଥାନୀୟ ଏନ୍‌ଏସି ନିର୍ବାଚନରେ ବିଧାୟକ ଏବଂ ଏମ୍‌ପିଙ୍କ ସାଙ୍ଗଠନିକ ଦକ୍ଷତା ସହିତ ଜନସମ୍ପର୍କ ମହତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ହେଲେ ଆସନ୍ତା ଏନ୍‌ଏସି ନିର୍ବାଚନରେ ଜାତୀୟ ଓ ରାଜ୍ୟସ୍ତରରୁ ସମ୍ପୃକ୍ତ ରାଜନୈତିକ ଦଳ ଗୁଡିକର ନେତୃବୃନ୍ଦଙ୍କ ଲୋକପ୍ରିୟତା, ଦଳୀୟ ସଙ୍ଗଠନ, ନିର୍ବାଚନୀ ପ୍ରସଙ୍ଗ, ଇସ୍ତାହାର, ସହରପାଇଁ କରିଥିବା ବିକାଶମୂଳକ ଯୋଜନାର କାର୍ଯ୍ୟକାରିତା ସହିତ ଐକ୍ୟବଦ୍ଧ ଅଭିଯାନ ଓ ସର୍ବୋପରି ଉପଯୁକ୍ତ ପ୍ରାର୍ଥୀ ଚୟନ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ପ୍ରାକ ନିର୍ବାଚନୀ ସମୀକ୍ଷାରୁ ଜଣାପଡ଼ିଛି।

### ସେମାନେ ଯାହା କୁହନ୍ତି

"ସ୍ଥାନୀୟ ବିଜେଡ଼ିରେ ମତାନ୍ତର ଥିଲେ ମଧ ମନାନ୍ତର ନାହିଁ। ବିଭିନ୍ନ ପ୍ରସଙ୍ଗକୁ ନେଇ ଦଳରେ ଗୋଷ୍ଠୀ ବିବାଦ ରହିଛି। ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଖୁବ ଶୀଘ୍ର ସେସବୁ ର ସମାଧାନ କରାଯିବ। ସହରର ପ୍ରତି ୱାର୍ଡ ସ୍ତରରେ ବିଜେଡ଼ି କୁ ସଂଘଟିତ କରାଯିବା ପାଇଁ ବିସ୍ତୃତ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ବିକାଶ କୁ ପ୍ରସଙ୍ଗ କରି ବିଜେଡ଼ି ଆଗାମୀ ଏନ ଏ ସି ନିର୍ବାଚନ ଲଢ଼ିବ।

-ପ୍ରଦୀପ୍ତ କୁମାର ପଟ୍ଟନାୟକ( ନଗର ବିଜେଡି ସଭାପତି)

"ଦିଗପହଣ୍ଡିରେ ବିକାଶ ବାଟବଣା ହୋଇଛି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା,ବର୍ଦ୍ଧିତ ହାଉସିଂ ଟ୍ୟାକ୍ସ,ଏନ୍‌ଏସିରେ ବ୍ୟାପକ ଦୁର୍ନୀତି, ସରକାରୀ ଯୋଜନା ହିତାଧିକାରୀ ଚୟନରେ ଦଳୀୟ ବାଛବିଚାର ପ୍ରଭୃତି ବିଭିନ୍ନ ଜନସମସ୍ୟାକୁ ଆଧାର କରି ଖୁବ ଶୀଘ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ। ଏନ୍‌ଏସି ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୁତ କରାଯିବ। ଏଥିନେଇ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇସାରିଛି।

-ଦୀପକ କୁମାର ମିଶ୍ର, ବ୍ଲକ ଯୁବ କଂଗ୍ରେସ ସଭାପତି

"ଭାଜପା ପକ୍ଷରୁ ସାଙ୍ଗଠନିକ ଅଭିବୃଦ୍ଧି ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ପ୍ରତି ବୁଥସ୍ତରରେ ସକ୍ରିୟ କର୍ମୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଆମର ନିଜସ୍ୱ ଶକ୍ତି ବଳରେ ଆମେ ଆଗାମୀ ଏନ୍‌ଏସି ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛୁ। ଖୁବ ଶୀଘ୍ର ରାଜ୍ୟ ସରକାରଙ୍କ ସାମଗ୍ରିକ ବିଫଳତା ଓ ସ୍ଥାନୀୟ ପ୍ରସଙ୍ଗକୁ ଇସ୍ୟୁ କରି ପାଟି ପକ୍ଷରୁ ସହରରେ ଜନ ସଚେତନତା କରାଯିବ। ପ୍ରତ୍ୟେକ ଦଳରେ ଭିନ୍ନ ମତାବଲମ୍ବୀ ଗୋଷ୍ଠୀ ରହିଛନ୍ତି। ଏହା କିଛି ନୂଆ କଥା ନୁହେଁ। କିନ୍ତୁ ଭାଜପା ଆବଶ୍ୟକ ସମୟରେ ଏକତ୍ରିତ ହୋଇ ସମସ୍ତ ଦଳୀୟ କାର୍ଯ୍ୟକ୍ରମ କରିଆସୁଛି। ସମସ୍ତଙ୍କୁ ନେଇ ସଙ୍ଗଠନ ତାର ଆଗାମୀ କାର୍ଯ୍ୟକ୍ରମ କରିବ। ରାଜ୍ୟ ଓ ଜିଲା ନେତୃତ୍ୱର ନିର୍ଦ୍ଦେଶ ଅନୁଯାୟୀ ସାଙ୍ଗଠନିକ କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି ନିଆଯାଇଛି।

-ଭବାନୀ ଶଙ୍କର ପଣ୍ଡା, ଭାଜପା ନଗର ସଭାପତି

**ସଂକ୍ଷେପରେ**

## କୁର୍ମି କ୍ଷତ୍ରିୟ ସଂସ୍ଥା ପୂର୍ବତନ ରାଜ୍ୟ ସମ୍ପାଦକଙ୍କ ବିୟୋଗ



ଭଞ୍ଜନଗର, ୬।୧(ଡି.ଏନ.ଏ): ନିଖିଳ ଉତ୍କଳ କୁର୍ମି କ୍ଷତ୍ରିୟ ସଂସ୍ଥାର ପୂର୍ବତନ ରାଜ୍ୟ ସମ୍ପାଦକ ନିଶାକର ପ୍ରଧାନ (୭୫)ଙ୍କ ସୋମବାର ଭୋରରେ ପରଲୋକ ଘଟିଛି। କିଛିଦିନ ହେଲା ଅସୁସ୍ଥ ଥିବାରୁ ବାଉଁଶଲୁଣ୍ଡିସ୍ଥିତ ବାସଭବନରେ ସେ ଚିକିତ୍ସାଧୀନ ଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ନିଶାକର ଜଣେ ସାମାଜିକ କର୍ମୀ, ଖବରଦାତା ଭାବେ ପରିଚିତ ଥିଲେ। ଅଞ୍ଚଳର ବହୁ ସଙ୍ଗଠନ ସହ ସେ ଜଡ଼ିତ ଥିଲେ ।

## ଭଲିବଲ ଟୁର୍ନାମେଣ୍ଟ ପାୱାର ସିକ୍ସ, ଗୁମ୍ମା ବିଜୟୀ

ଛତ୍ରପୁର,୬।୧(ଡି.ଏନ.ଏ): ଛତ୍ରପୁର ଷ୍ଟାଡିୟମରେ ସନ୍‌ରାଇଜ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ସୋମବାର ୨ଟି ମ୍ୟାଚ୍ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ପାୱାର ସିକ୍ସ ଟିମ୍ ୨-୦ ସେଟ୍‌ରେ ଅଡ଼ବା ଟିମ୍‌କୁ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଗୁମ୍ମା ଟିମ୍ ୨-୦ ସେଟ୍‌ରେ ବାଲିଗୁଡା ଟିମ୍‌କୁ ପରାଜିତ କରି ବିଜୟୀ ହୋଇଛି । ଚତୁର୍ଥ ଦିବସରେ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସଙ୍ଗୀତ ରାଉଳ ଯୋଗଦେଇଥିଲେ । ରେଫରି ଗୋବିନ୍ଦ, ଗୋପି, ରବି , ରାଜେଶ ଓ ଜି. ଜୟରାମ ରେଡ୍ଡୀ ଏହାକୁ ପରିଚାଳନା କରିଥିଲେ । ରବିବାର ପ୍ରଥମ ମ୍ୟାଚ୍‌ରେ ପାଟପୁର ଟିମ୍ ୨-୦ ସେଟ୍‌ରେ ସୋନପୁରକୁ ହରାଇ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ୍‌ରେ ଛତ୍ରପୁର ସନରାଇଜ୍ ସ୍ପୋର୍ଟସ କ୍ଲବ ୨-୦ ସେଟ୍‌ରେ ଦାରିଙ୍ଗିବାଡି ଟିମ୍‌କୁ ପରାଜିତ କରି ବିଜୟୀ ହୋଇଥିଲା । ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ପ୍ରଫୁଲ୍ଲ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । କମିଟିର ରଜନୀକାନ୍ତ ପଟ୍ଟନାୟକ, ସମୀର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାତ୍ର, ଗୋବିନ୍ଦ ନାୟକ, ପ୍ରକାଶ ସେଠୀ ପରିଚାଳନରେ ସହଯୋଗ କରିଥିଲେ ।

## ଗଞ୍ଜେଇ ଗଛ ନଷ୍ଟ



ବାଲିଗୁଡ଼ା,୬।୧(ଡି.ଏନ.ଏ.): ବାଲିଗୁଡ଼ା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ସୋମବାର କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୩୫ ଏକର ଜମିରେ ଚାଷ କରାଯାଇଥିବା ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଏ ନେଇ ନଂ. ୪/୨୦ରେ ଏକ ମାମଲା ରୁଜୁ ହୋଇଛି। ବାଲିଗୁଡା ବ୍ଲକ ଅନ୍ତର୍ଗତ ବାଟଗୁଡ଼ା ପଞ୍ଚାୟତର ପାଙ୍ଗାପଡ଼ା, ଡିଙ୍ଗିମିଲା ଓ ମିଡ଼ିଆକିଆ ପଞ୍ଚାୟତର ବରିକିଆ ଓ ମିଡ଼ିଆକିଆ ଆଦି ଅଞ୍ଚଳରେ ବେଆଇନ୍ ଗଞ୍ଜେଇ ଚାଷ ହେଉଥିଲା। ଖବର ପାଇ ପୋଲିସ ଓ ଅବକାରୀ ବିଭାଗ ଉକ୍ତ ଗଞ୍ଜେଇ ଗଛକୁ ପୋଡ଼ି ଦେଇଛି। ଗଞ୍ଜେଇ ନଷ୍ଟ ମିଶନ ଜାରି ରହିବ ବୋଲି ବାଲିଗୁଡ଼ା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି ।

### ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ

# ୨ ମାସରେ ଭାଙ୍ଗିଲା ପାନୀୟ ଜଳ ପ୍ରକଳ୍ପ

ଫିରିଙ୍ଗିଆ, ୬।୧

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ ଅଧିନରେ ହେଉଥିବା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ପ୍ରକଳ୍ପ ତିଆରି ହେବାର ମାସେ ନ ପୁରୁଣୁ ତାହା ଭାଙ୍ଗି ଯାଉଛି। ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାର ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ତାହା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଯେଉଁ ୫ଟିକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି, ତାହା ଏହି ବ୍ଲକରେ କାର୍ଯ୍ୟକାରୀ ହେଉନାହିଁ। ବିଭାଗର ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଏଭଳି ଏକ ନିମ୍ନମାନର ପ୍ରକଳ୍ପ ସଲାଗୁଡା ପଞ୍ଚାୟତ ନେଡିପଦରରେ ଦେଖିବାକୁ ମିଳିଛି। ଯେଉଁଠି ୯ ଲକ୍ଷ ଟଙ୍କାରେ ହୋଇଥିବା ଏକ ପଥର କୂଅ(ପାନୀୟ ଜଳ ପ୍ରକଳ୍ପ) ଭାଙ୍ଗି ଯାଇଛି।

ସଲାଗୁଡା ପଞ୍ଚାୟତ ନେଡିପଦର ଗ୍ରାମର ଜଳପଦର, ମୁଣ୍ଡାସାହି, ପିଡିଆପଙ୍ଗା, କୁମ୍ଭାରଖୋଲ ସାହିକୁ ପାନୀୟ ଜଳ ଯୋଗାଣ ପାଇଁ ୪୫ ଲକ୍ଷ ଟଙ୍କାର ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୨୦୧୯ ଅଗଷ୍ଟରେ ଶେଷ ହୋଇଥିଲା । ଏହି ପ୍ରକଳ୍ପର କୂଅ ପାଇଁ ୯ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। କାମ ଶେଷ ହେବାର ମାତ୍ର ୨ ମାସ ପରେ ଏହା ଭାଙ୍ଗିଗଲା। ଆଜି ପର୍ଯ୍ୟନ୍ତ ତାର ମରାମତି ହୋଇନାହିଁ। ମାତ୍ର ବିଭାଗ ତାଙ୍କର ବିଲ କରି ଦେଇଛି। ଯନ୍ତ୍ରୀ କିପରି କାମ ତଦାରଖ କରୁଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସରକାରୀ ଟଙ୍କାରେ ପିଲା ଖେଳ ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ମୋ ସରକାରରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଠିକାଦାର କୂଅ ମରାମତି ନ କରି ପାଣି ପାଇଁ ପାଇପ ବିଛାଇବା ଲାଗି ସଜବାଜ ହେଉଛନ୍ତି। ଯେଉଁ ପାଇପ ଆଣିଛନ୍ତି ତାହା ନିମ୍ନମାନର ବୋଲି ଜାଣିବାକୁ ମିଳିଛି।



ଭାଙ୍ଗି ଯାଇଥିବା କୂଅ ।

**ମୋ ସରକାରରେ ହେବ ଅଭିଯୋଗ**

ଆମେ ଆଜି ପର୍ଯ୍ୟନ୍ତ ନଇ ନାଳରୁ ପାଣି ପିଉଛୁ। ପାନୀୟ ଜଳ ଯୋଗାଇବା ପାଇଁ ଠିକାଦାର ଏଠି ଗୋଟିଏ କୂଅ କରିଥିଲେ। ତାହା ଭୁଶୁଡି ଯାଇଛି। ଠିକାଦାର ଆଉ ଏଠାକୁ ଆସୁ ନାହାନ୍ତି। ପାଣି ୪ ଗ୍ରାମକୁ ଦିଆଯିବ ବୋଲି କୁହା ଯାଇଥିଲା କିନ୍ତୁ ପାଇପ ପଡିନାହିଁ। ଏପଟେ କୂଅ ଭାଙ୍ଗି ଗଲାଣି। ବିଭାଗୀୟ ଅଧିକାରୀ ଏବଂ ଠିକାଦାର ପ୍ରକଳ୍ପ ବାବଦ ଅର୍ଥ ହରିଲୁଟ କରୁଛନ୍ତି ବୋଲି ଗ୍ରାମର ଭରତ ଦିଗାଲ, ତ୍ରିନାଥ ଦିଗାଲ ପ୍ରକାଶ କରିଛନ୍ତି। ସରପଞ୍ଚ ସୁମିତ୍ରା କହଁର କୁହନ୍ତି, ଘଟଣା ନେଇ ମୁଁ ବ୍ଲକ ଯନ୍ତ୍ରୀଙ୍କ ସହ ଫୁଲବାଣୀରେ ଆରଡବ୍ଲ୍ୟୁଏସ୍‌ଏସ୍ ଅଫିସ ଯାଇ ଅଭିଯୋଗ କରିଛି। ହେଲେ କାମ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏ ନେଇ ଆରଡବ୍ଲ୍ୟୁଏସ୍‌ଏସ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବହରି ପ୍ରଧାନଙ୍କୁ ପଚାରିବାରୁ କୂଅ ମରାମତି କାର୍ଯ୍ୟ ଠିକାଦାର କରିବେ। ଲୋକଙ୍କୁ କିପରି ଜଳ ଯୋଗାଣ ହେବ ଆମେ ସେ ଉପରେ ଦୃଷ୍ଟି ଦେଉଛୁ ବୋଲି କହିଛନ୍ତି।

### ଡ୍ୟାମ୍‌ରେ ଡଙ୍ଗା ବୁଡ଼ି ଯୁବତୀ ନିଖୋଜ ଘଟଣା

# ୪ ଦିନ ପରେ ମୃତଦେହ ଉଦ୍ଧାର

ଫୁଲବାଣୀ ଅଫିସ/ବଲସକୁମ୍ପା, ୬।୧

ନୂଆବର୍ଷ ଉପଲକ୍ଷେ ଗତ ୨ ତାରିଖରେ ପିଲା ସାଲୁଙ୍କି ଡ୍ୟାମକୁ ଭୋଜି କରିବାକୁ ଯାଇଥିବା ବେଳେ ଡଙ୍ଗା ବୁଡ଼ି ନିଖୋଜ ହୋଇଥିବା ସୁନୀତା ଝାଙ୍କରଙ୍କ ଗଳିତ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ଯେଉଁ ସ୍ଥାନରେ ଡଙ୍ଗା ବୁଡ଼ିଥିଲା ଅଗ୍ନିଶମ ବାହିନୀ ସେହିଠାରୁ ସୁନୀତାଙ୍କ ମୃତଦେହ ପାଇଥିଲେ। ଖଜୁରିପଡ଼ା ଥାନାଧିକାରୀ ରମାକାନ୍ତ ପାତ୍ର, ସଦର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଖଜୁରିପଡା ତହସିଲଦାର ମନୋଜ କୁମାର ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ଏ ନେଇ ଥାନାରେ ନଂ.୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାରବର୍ଗ ନିଜ ଗ୍ରାମ ବନ୍ଧସାହିରେ ସୁନୀତାଙ୍କ ଶେଷକୃତ୍ୟ କରିଛନ୍ତି।

ଦୃତିମେଣ୍ଡି ପଞ୍ଚାୟତ ବନ୍ଧସାହି ଗ୍ରାମର କେତେଜଣ ଯୁବତୀଯୁବକ ୨ ତାରିଖରେ ପିଲା ସାଲୁଙ୍କି ଡ୍ୟାମକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ୨ ଯୁବକ ଏବଂ ୪ ଯୁବତୀ ମତ୍ସ୍ୟଜୀବୀଙ୍କ ପାଇଁ ଥିବା ଡଙ୍ଗାରେ ଡ୍ୟାମରେ ବୁଲୁଥିବା ବେଳେ କୌଣସି କାରଣରୁ ତାହା ବୁଡି ଯାଇଥିଲା। ଯୁବତୀମାନେ ବୁଡିଯାଉଥିବା ଦେଖି କୂଳରେ ଥିବା ଯୁବକମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ହେଲେ ସୁନୀତା ବୁଡି ଯାଇଥିଲେ। ତାଙ୍କର କୌଣସି ପତ୍ତା ନ ମିଳିବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଫୁଲବାଣୀ, ଖଜୁରିପଡା, ଫିରିଙ୍ଗିଆ ଅଗ୍ନିଶମ ବାହିନୀ ଓ ପରେ ଗୋଟିଏ ଓଡ୍ରାଫ ଟିମ୍ ଡ୍ୟାମରେ ଖୋଜିଥିଲେ। ୪ ଦିନ ଧରି ଖୋଜା ଚାଲିଥିଲେ ମଧ୍ୟ ସୁନୀତାଙ୍କ ମୃତଦେହ ମିଳି ନ ଥିଲା। ଏହାକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରବିବାର ଦୃତିମେଣ୍ଡି ନିକଟରେ ରାଜପଥ ଅବରୋଧ କରିଥିଲେ। ମୃତଦେହ ମିଳିବା ପର୍ଯ୍ୟନ୍ତ ତଲାସି ଜାରି ରହିବ ଏବଂ ୭ ଦିନ ମଧ୍ୟରେ ଯୁବତୀଙ୍କ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ସୋମବାର ସକାଳେ ସୁନୀତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# ବଦଳୁଛି ଅଙ୍ଗନୱାଡି କେନ୍ଦ୍ରର ରୂପରେଖ




ଅଲିମାହାଠାରେ ଥିବା ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର।

ରାଇକିଆ,୬।୧(ଡି.ଏନ.ଏ)

୩ ରୁ ୫ ବର୍ଷର ଶିଶୁଙ୍କୁ ପ୍ରାକ୍ ଶିକ୍ଷା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ଏଠାରେ ପୁଷ୍ଟିକର ଖାଦ୍ୟ ସହ ଶିଶୁଙ୍କୁ ଶିକ୍ଷା ମଧ୍ୟ ଦିଆଯାଉଛି। ଏହା ସତ୍ତ୍ୱେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଯଥେଷ୍ଟ ଉପସ୍ଥାନ ରହୁ ନ ଥିବାରୁ ଶିଶୁଙ୍କୁ ମା'ବାପା ସେଠାକୁ ପଠାଇବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଗ୍ରାମାଞ୍ଚଳରେ କିଛି ମାତ୍ରାରେ ଉପସ୍ଥାନ ରହୁଥିବା ବେଳେ ସହରାଞ୍ଚଳରେ ଯଥେଷ୍ଟ କମ୍ ରହୁଛି। ବିଶେଷ କରି ପ୍ଲେ ସ୍କୁଲ ଏବଂ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ଏଲ୍‌କେଜି, ୟୁକେଜିରେ ପାଠ ପଢ଼ା ପ୍ରତି ଆଗ୍ରହ ଜମାଉଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଥିବା ବିଭିନ୍ନ ପ୍ରକାର ଅବ୍ୟବସ୍ଥା। ତେଣୁ ବର୍ତ୍ତମାନ ଏହାକୁ ସଜାଡ଼ିବାକୁ ଆରମ୍ଭ କରିଛି ପ୍ରଶାସନ। ଶିଶୁଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତି ଆକୃଷ୍ଟ କରିବା ପାଇଁ ଏହାର ଚତୁଃପାର୍ଶ୍ୱକୁ ଗ୍ରୀନ ଫେନସିଂ କରାଯିବା ସହ ଅଧିକ ଆକର୍ଷଣୀୟ ପାଇଁ ରଙ୍ଗବେରଙ୍ଗ ଚିତ୍ର କରାଯାଉଛି। ପିଲାଙ୍କ ପାଇଁ ପ୍ଲାଷ୍ଟିକ ଚେୟାର ଟେବୁଲ ସହ ବିଭିନ୍ନ ପ୍ରକାର ଶିକ୍ଷଣୀୟ ଖେଳ ଉପକରଣର ବ୍ୟବସ୍ଥା ମଧ୍ୟ କରାଯାଇଛି। ରୋଷେଇ ପାଇଁ ପୂର୍ବରୁ କାଠ ଚୁଲା

**ଶିଶୁଙ୍କୁ ଆକୃଷ୍ଟ ପ୍ରତି ଦିଆଯାଉଛି ଧ୍ୟାନ**

ବ୍ୟବହାର କରାଯାଉଥିବା ବେଳେ ବର୍ତ୍ତମାନ ଗ୍ୟାସଚୁଲା ବ୍ୟବହାର ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ସହର ମଧ୍ୟରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକରେ ଏହି ସବୁ ବ୍ୟବସ୍ଥା କରାଯାଇଛି। ରାଇକିଆ ପଞ୍ଚାୟତର ଅଲିମାହା ଅଙ୍ଗନୱାଡ଼ି କେନ୍ଦ୍ରକୁ ଏକ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ଭାବେ ଗଢି ତୋଳିବା ପାଇଁ ପ୍ରୟାସ କରାଯାଉଛି। ଶିଶୁଙ୍କୁ ଆକୃଷ୍ଟ କରିବା ପାଇଁ କାନ୍ଥରେ ବିଭିନ୍ନ ଚିତ୍ର କରାଯାଇଥିବା ବେଳେ ଫିଲଟର ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଗୃହକୁ ଟାଇଲରେ ଆଚ୍ଛାଦିତ କରାଯାଇଛି। ଏ ନେଇ ରାଇକିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ ପଟ୍ଟନାୟକ କହିଛନ୍ତି, ଆମେ ଅଙ୍ଗନୱାଡି କେନ୍ଦ୍ରକୁ ଆକର୍ଷଣୀୟ ଏବଂ ସବୁ ପ୍ରକାର ସୁବିଧା ଯେପରି ଶିଶୁମାନେ ପାଇପାରିବେ ସେ ନେଇ କାର୍ଯ୍ୟ କରୁଛୁ। ଯାଦ୍ୱାରା ଅଭିଭାବକମାନେ ଅଙ୍ଗନୱାଡ଼ିକେନ୍ଦ୍ରକୁ ଶିଶୁଙ୍କୁ ପଠାଇବା ପାଇଁ ଆଗ୍ରହ ପ୍ରକାଶ କରିବେ।

## ନଦୀ ପୋଲରୁ ଡେଇଁ ଯୁବକ ଗୁରୁତର

ଦିଗପହଣ୍ଡି,୬।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ନିକଟ ମୌଳାଭଞ୍ଜା ଗାଁସ୍ଥିତ ଘୋଡ଼ାହାଡ଼ ନଦୀ ପୋଲ ଉପରୁ ତଳକୁ ଡେଇଁ ସୋମବାର ସକାଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ଯୁବକ ଜଣକ ଉଚ୍ଚଶିକ୍ଷା ଲାଭ କରିବା ପରେ ବହୁ ଉଦ୍ୟମ ସତ୍ତ୍ୱେ କୌଣସି କାମଧନ୍ଦା ପାଇବାରେ ବିଫଳ ହୋଇଥିଲେ। ଚାକିରି ନ ପାଇ ସେ ଗତ କିଛି ଦିନ ହେଲା ମାନସିକ ଭାରସାମ୍ୟ ହରାଇଥିବା ଜଣାପଡିଛି। ଯୁବକ ଜଣକ ପ୍ରଥମେ ଏକ ଟ୍ରକ ଆଗକୁ ଚାଲିଯାଇଥିଲେ। ଟ୍ରକ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ସେ ଅଳ୍ପକେ ବର୍ତ୍ତି ଯିବାପରେ ପୋଲ ଉପରୁ ତଳକୁ ଡେଇଁ ପଡ଼ିଥିବା ଲୋକେ କହିଛନ୍ତି।

# ଉଦ୍ଭିଦ ବିଜ୍ଞାନ ବିଭାଗ ପାଠଚକ୍ର, ଆତ୍ମସୁରକ୍ଷା ତାଲିମ

ଭଞ୍ଜନଗର,୬।୧(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ସୁନିତା ରାଣୀ ଖୁଣ୍ଟିଆଳ ପାଠଚକ୍ର ଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନ କିଭଳି ବୃଦ୍ଧି ବଢୁଛି ତାହା କହିଥିଲେ। ଛାତ୍ରୀ ସରିତା ପ୍ରଧାନ ସନ୍ଦର୍ଭ ପାଠ କରିଥିବା ବେଳେ ବିଭାଗୀୟ ଅଧାପକ ରଜତ କୁମାର ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗ ଦେଇଥିବା ଅଧାପିକା ସବିତା ବାରିକଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ.ବିନୋଦ ଚନ୍ଦ୍ର ଦାସ, ଡ. ପୀତବାସ ପାଳ,ଡ.ରବୀନ୍ଦ୍ର ନାଥ ପାଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଛାତ୍ର ଶିବ ପ୍ରସାଦ ପରିଚ୍ଛା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ କଲେଜରେ ଛାତ୍ରୀ ଆତ୍ମ ୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ତୃପ୍ତିମୟୀ ଦାସ, ଅଧାପକ ଡ.ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ଏହି ଶିବିର ୧୦ ଦିନ ଧରି ଚାଲିବ ।



ଅଧାପିକା ସବିତା ବାରିକଙ୍କୁ ସ୍ୱାଗତ କରାଯାଉଛି ।

# ଝିଙ୍କିପଦରରେ ହାତୀ ଆତଙ୍କ

ଚିକିଟି,୬।୧(ଡି.ଏନ.ଏ.)

**ଲୋକେ ଭୟଭୀତ**

ଚିକିଟି ବ୍ଲକ ଗୋବିନ୍ଦ ନଗର ପଞ୍ଚାୟତ ରାଧାମୋହନପୁର ଝିଙ୍କିପଦର ଗ୍ରାମରେ ସୋମବାର ସନ୍ଧ୍ୟା ୭ଟାରେ ବଣୁଆ ହାତୀ ଆତଙ୍କ ଦେଖାଦେଇଛି। ଫଳରେ ଲୋକେ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। କନିଷି ବ୍ଲକ ଜୁଗୁଡ଼ି ଗ୍ରାମ ନିକଟସ୍ଥ କେରାଣ୍ଡିମାଳ ପର୍ବତରୁ ୭ଟି ହାତୀପଲ ପ୍ରଥମେ ଗୋବିନ୍ଦନଗର ପଞ୍ଚାୟତର ଝିଙ୍କିପଦର ଗ୍ରାମର ଶେଷ ମୁଣ୍ଡରେ ଥିବା ଗଛଗୁଡ଼ିକ ଭାଙ୍ଗିବା ଆରମ୍ଭ କରିଥିଲେ। ଗ୍ରାମବାସୀ ଏହାକୁ ଦେଖି ଏକତ୍ରିତ ହୋଇ ବାଣ ଫୁଟାଇ ହାତୀ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ। ସେହି ହାତୀପଲ ନିକଟସ୍ଥ ରାଧାମୋହନପୁର ଗ୍ରାମରେ ଥିବା ଧାନଗଦାକୁ ଦଳି ଚକଟି ନଷ୍ଟ କରିଥିଲେ। ଗ୍ରାମବାସୀ ବନ ବିଭାଗକୁ ଜଣାଇବା ପରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଛି ।

## କବିରାଜଙ୍କ ପରଲୋକ

ଦିଗପହଣ୍ଡି,୬।୧(ଡି.ଏନ.ଏ.)

ଦିଗପହଣ୍ଡିର ଜଣାଶୁଣା କବିରାଜ ନାରାୟଣ ପାତ୍ର (୯୧)ଙ୍କ ସୋମବାର ସକାଳେ ପରଲୋକ ଘଟିଛି। ପୁଅ କାଳୁଚରଣଙ୍କ ବ୍ରହ୍ମପୁରସ୍ଥିତ ବାସଭବନରୁ ତାଙ୍କ ମୃତଦେହକୁ ଦିଗପହଣ୍ଡି ଅଣାଯାଇ ହାଟତୋଟା ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ନରାୟଣ ଦିଗପହଣ୍ଡିର ବିଭିନ୍ନ ଅନୁଷ୍ଠାନ ଓ ମନ୍ଦିର ପରିଚାଳନା ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ। ଦିଗପହଣ୍ଡି ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷ ପ୍ରଦୀପ୍ତ ପଟ୍ଟନାୟକଙ୍କ ସମେତ ବହୁ ବ୍ୟକ୍ତି କବିରାଜଙ୍କ ଶେଷଦର୍ଶନ କରିଥିଲେ।

# ଭାଜପାର ଜନସମ୍ପର୍କ ଅଭିଯାନ

ଜି.ଉଦୟଗିରି,୬।୧(ଡି.ଏନ.ଏ.)

ଜି.ଉଦୟଗିରିରେ ଭାଜପା ପକ୍ଷରୁ ରବିବାର ନାଗରିକତ୍ୱ ସଂଶୋଧନ ଆଇନ ସପକ୍ଷରେ ନିର୍ବାଚନ ସ୍ତରୀୟ ଜନ ସମ୍ପର୍କ ଅଭିଯାନ ସ୍ଥାନୀୟ ହାଟପଦାଠାରୁ ଶୁଭାରମ୍ଭ କରାଯାଇଛି। ଭାଜପା ଜିଲା ସଂଯୋଜକ ମାନଗୋବିନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଓ ନିର୍ବାଚନ ମଣ୍ଡଳୀ ସଂଯୋଜକ ଅବନେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଥିଲା। ଭାଜପାର ନିଷ୍ପତ୍ତି କ୍ରମେ ନିର୍ବାଚନ ମଣ୍ଡଳୀରେ ୧୦ ହଜାର ପରିବାରକୁ ଏହି ଆଇନ ସପକ୍ଷରେ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଜି.ଉଦୟଗିରି ଭାଜପା ନଗର ସଭାପତି ଉଦେଶନ ପ୍ରଧାନ, ଗ୍ରାମୀଣ ସଭାପତି ମାୟାବନ୍ଧୁ ପ୍ରଧାନ, ନଗର ସଂଯୋଜକ ବିଭୂତି ଆଚାର୍ଯ୍ୟ, ଜିଲା ସମ୍ପାଦକ ଜ୍ଞାନଚନ୍ଦ୍ର ପ୍ରଧାନ, ଭାଜପା ନେତା ପ୍ରିୟବ୍ରତ, ରବୀନ୍ଦ୍ର କୁମାର ସାହୁ, ସତ୍ୟଭାମା ପ୍ରଧାନଙ୍କ ସମେତ ଅନେକ ନେତା ଓ କର୍ମୀ ଉପସ୍ଥିତ ଥିଲେ।



ଉପସ୍ଥିତ ଭାଜପା ନେତା ଓ କର୍ମୀ।

# ନବନିର୍ମାଣ କୃଷକ ସଂଗଠନର ଧାରଣା




ସଙ୍ଗଠନ କର୍ମକର୍ତ୍ତା ଏବଂ ଚାଷୀ ।

ଫୁଲବାଣୀ ଅଫିସ, ୬।୧

କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାରଣା ଦିଆଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରେ ବିଭନ୍ନ ଦାବିନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ପୃଷ୍ଠା ସମ୍ବଳିତ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ନବ ନିର୍ମାଣ କୃଷକ ସଂଗଠନର ଜିଲା ସଂଯୋଜକ ଚାଣକ୍ୟ କହଁରଙ୍କ ନେତୃତ୍ୱରେ ଫୁଲବାଣୀ ବ୍ଲକ ସଂଯୋଜକ ବିଶ୍ୱାମିତ୍ର ଦିଗାଲ, ରାଇକିଆ ସଂଯୋଜକ ପ୍ରଦୀପ ମଲ୍ଲିକ, ଖଜୁରିପଡ଼ା ସଂଯୋଜକ ଅଚ୍ୟୁତ ଜାନୀ, ଫିରିଙ୍ଗିଆ ବ୍ଲକ ସଂଯୋଜକ ହରେକୃଷ୍ଣ ମହାକୁଡ଼, ଉମାଚରଣ କହଁରଙ୍କ ସମେତ ବହୁ ଚାଷୀମାନେ ଧାରଣା ଓ

# ରୁମାଗୁଡ଼ି ଜଳପ୍ରପାତକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ ଉଦ୍ୟମ

ସୋରଡ଼ା,୬।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଆଦିବାସୀ ବହୁଳ ପଞ୍ଚାୟତ ଗାଜଲବାଡ଼ି ନିକଟଜଙ୍ଗଲ ଘେରା ଅଞ୍ଚଳ ରାମନାମବାଡ଼ି ଗ୍ରାମ ନିକଟରେ ରହିଛି ରୁମାଗୁଡ଼ି ଜଳପ୍ରପାତ। ସୋମବାର ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସରପଞ୍ଚ ଉପେନ୍ଦ୍ର ବେହେରା, ଜିଆର୍‌ଏସ କାଳିଆ ପଣ୍ଡା, ରୁପକ ବିଷୋୟୀ, ରାଜେଶ ସାହୁଙ୍କ ସମେତ ଏକ ଦଳ ଉକ୍ତ ଅଞ୍ଚଳକୁ ଗସ୍ତ କରିଥିଲେ। ପାହାଡ଼ ପର୍ବତ ଘେରାରେ ଥିବା ଏହି ଜଳପ୍ରପାତର ପରିସରକୁ ଅନୁଧ୍ୟାନ କରିଥିଲେ। ସେଠାରେ ଜଙ୍ଗଲଘେରାରେ ଶହ ଶହ ବର୍ଷ ପୁରୁଣା ଯଜ୍ଞେଶ୍ୱର ମନ୍ଦିର ରହିଛି। ଉକ୍ତ ମନ୍ଦିରକୁ କାର୍ତ୍ତିକ ମାସ, ଶିବରାତ୍ରି, ସଂକ୍ରାନ୍ତି ଦିନ ଗୁଡ଼ିକରେ ଶତାଧିକ ଭକ୍ତ ଦର୍ଶନ ପାଇଁ ଯାଇଥାନ୍ତି। ତେବେ ରୁମାଗୁଡ଼ି ଜଳପ୍ରପାତକୁ ପର୍ଯ୍ୟଟନ ମାନ୍ୟତା ଦିଆଗଲେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଏହାସହ ସେହି ଅଞ୍ଚଳର ଆମ୍ବକୋଣ, ରୁବାଙ୍ଗି, ରାମନାମବାଡ଼ି, ମୀନାଜାଡ଼ି, ଗମ୍ଭାରୀଗୁନି, ନେପାପେଢ଼ି, ଜିରାକୁଆ ଆଦି ଆଦିବାସୀ ଗ୍ରାମଗୁଡ଼ିକରେ ଶହ ଶହ ପରିବାରର ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି। ଏହି ଅଞ୍ଚଳକୁ ପର୍ଯ୍ୟଟନ ମାନ୍ୟତା ଦେବାକୁ ବିଧାୟକ ସ୍ୱାଇଁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ଏହି ରାସ୍ତା ଦେଇ ଦୈନିକ ବହୁ ବଙ୍ଗୀୟ ପର୍ଯ୍ୟଟକ ଦାରିଙ୍ଗିବାଡ଼ି ଯାଉଥିବା ବେଳେ ରୁମାଗୁଡ଼ି ଜଳପ୍ରପାତର ବିକାଶ କଲେ ଏଠାକୁ ସମସ୍ତେ ଆସିବେ ବୋଲି କୁହାଯାଇଛି। ସରପଞ୍ଚ ଉପେନ୍ଦ୍ର ବେହେରା ଏପରି ଉଦ୍ୟମକୁ ଆଦିବାସୀ ବିକାଶରେ ସହାୟକ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଥିବା ଯଜ୍ଞେଶ୍ୱର ମନ୍ଦିର ଏକ ପ୍ରତ୍ୟକ୍ଷ ମନ୍ଦିର ତଥା ସୌନ୍ଦର୍ଯ୍ୟମୟ ପରିବେଶରେ ରହିଛି।



ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟମାନେ ଜଳପ୍ରପାତ ବୁଲି ଦେଖୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୭/୨୦୨୦ Berhampur,Tuesday, January 7/ 2020




# କାଳିଆ ଟଙ୍କା ହ୍ରାସ ନିଷ୍ପତ୍ତି ରଦ୍ଦ ଦାବିରେ ଧାରଣା

**ଛତ୍ରପୁର,୬ା୧(ଡି.ଏନ.ଏ.)**

କାଳିଆ ଯୋଜନାରେ ଟଙ୍କା ହ୍ରାସ ନିଷ୍ପତ୍ତି ରଦ୍ଦ ଦାବିରେ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

ନିର୍ବାଚନ ପୂର୍ବରୁ ୭୦ ଲକ୍ଷ ଚାଷୀ କାଳିଆ ଯୋଜନାରେ ସାମିଲ ହେବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ଏପରିକି ନିର୍ବାଚନ ଜିତିବାର ୨୪ ଘଣ୍ଟା ମଧ୍ୟରେ ସମସ୍ତଙ୍କ ଜନଧନ ଆକାଉଣ୍ଟକୁ ଏହି ଟଙ୍କା ଯିବ । ପ୍ରଥମ କିସ୍ତି ୨୪ ଲକ୍ଷ ଚାଷୀ ପାଇ ନ ଥିବା ବେଳେ ଦ୍ୱିତୀୟ କିସ୍ତି ୪୦ ଲକ୍ଷ ଚାଷୀ ପାଇନାହାନ୍ତି । ଏନେଇ ପ୍ରତିବାଦ କଲେ ମଧ୍ୟ କୌଣସି ସମାଧାନ ବାଟ ବାହାରୁନି । ତୁରନ୍ତ ଚାଷୀଙ୍କୁ ୧୦ ହଜାର ଲେଖାଏ କାଳିଆ ଯୋଜନାରେ ଟଙ୍କା ପ୍ରଦାନ କରିଥିବା ପ୍ରତିଶ୍ରୁତି ପାଳନ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି । ଏଥିରେ ଇଜୁ ଆମିନ୍ ଖାନ୍, ଆବାହକ ରମେଶ ଚନ୍ଦ୍ର କର, ଜିଲା ସଂଯୋଜକ ସୁଦର୍ଶନ ପାତ୍ର, ରଙ୍ଗନାଥ ପାତ୍ର, କିଶୋର ଚନ୍ଦ୍ର ସାହୁ, ବିଜୟ କୁମାର ଜେନା, ସନ୍ୟାସୀ ରଣା, ଜି.କାମେଶ୍ୱ ରେଡ୍ଡୀ, ଦୁର୍ଗା ଚରଣ ସାହୁ, ରାଜ୍ୟ କୋର କମିଟି ସଭ୍ୟ ଦେବୀ ପ୍ରସାଦ ମହାରଣା ସାମିଲ ଥିଲେ ।


ନବନିର୍ମାଣ କୃଷକ ସଙ୍ଗଠନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି ।




# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଦିଗପହଣ୍ଡି/ଚିକିଟି,୬ା୧(ଡି.ଏନ.ଏ.)**

କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ସିନ୍ଧିଖାଲି ଗ୍ରାମ ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅନୁଗୋଳ ଜିଲା କତଡା ଗ୍ରାମର କୁରୁପତି ପ୍ରଧାନ (୨୧) ଓ ଗୁରୁତର ସୁଜିତ ସାହୁ (୨୦) । ଏ ନେଇ କେ.ନୂଆଗାଁ ଥାନାରେ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

ଦୀର୍ଘ ଦିନଧରି କୁରୁପତି ଓ ସୁଜିତ ପାତ୍ରପୁର ବ୍ଲକ୍ ଖାରିଆଗୁଡ଼ା ଗ୍ରାମର ଏକ କନ୍‌ଷ୍ଟ୍ରକଶନ କମ୍ପାନୀରେ କାମ କରୁଥିଲେ। ରବିବାର ସେମାନେ ନିଜ ଗାଁକୁ ଯିବା ପାଇଁ ବାଇକ୍‌ରେ ନୂଆପଡା ଦେଇ ଦିଗପହଣ୍ଡି ଅଭିମୁଖେ ଯାଉଥିବା ସମୟରେ ସିନ୍ଧିଖାଲି ନିକଟରେ ଥିବା ଏକ କଲ୍‌ଭର୍ଟରେ ପିଟି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର କୁରୁପତିଙ୍କୁ ମୃତ ଘୋଷଣା କରିଥିଲେ। ସୁଜିତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଯାଇଛି। ନୂଆପଡ଼ା ଫାଣ୍ଡି ଅଧିକାରୀ ଗାଡି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ